1953
मାର୍ଚ୍ଚ 12

ରାମ ନାରାୟଣ ସିଂହ

ବନାମ

ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ

[ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ବିଚାରପତି, ମୁଖାର୍ଜୀ, ଏସ୍. ଆର୍. ଦାସ, ଗୁଲାମ ହାସନ୍ ଏବଂ ଭଗବତୀ ନ୍ୟାୟମୂର୍ତ୍ତିବୃନ୍ଦ]

*ଫୌଜଦାରୀ ବିଚାର-ମାମଲାର ମୁଲତବୀ-ଅଭିଯୁକ୍ତମାନଙ୍କୁ ହେପାଜତକୁ* ପ୍ରତିପ୍ରେରଣର *କୌଣସି ଆଦେଶ ନାହିଁ-ଅଟକ ରଖିବାର ବୈଧତା-ଦଣ୍ଡ ପ୍ରକ୍ରିୟା ସଂହିତା, 1898, ଧାରା 344-ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ।*

ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକ୍ରିୟାରେ କୋର୍ଟ ପ୍ରତ୍ୟାବର୍ତ୍ତନ ସମୟରେ ଅଟକ ରଖିବାର ବୈଧତା କିମ୍ବା ଅନ୍ୟଥାକୁ ଧ୍ୟାନରେ ରଖିବା ଉଚିତ ଏବଂ କାର୍ଯ୍ୟାନୁଷ୍ଠାନର ଆରମ୍ଭ ବିଷୟରେ ନୁହେଁ ।

ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 344 ଜଣେ ମାଜିଷ୍ଟ୍ରେଟଙ୍କୁ ଏହା ଆବଶ୍ୟକ କରେକି, ଯଦି ସେ ତାଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମାମଲାକୁ ମୁଲତବୀ ରଖିବାକୁ ସ୍ଥିର କରନ୍ତି, "ଅଭିଯୁକ୍ତକୁ ପରୱାନା ଦ୍ୱାରା ହାଜତକୁ ପ୍ରତିପ୍ରେରଣ କରିବାକୁ ହେବ ଯଦି ସେ ହେପାଜତରେ ଥିବ" ଏବଂ ଆହୁରି ମଧ୍ୟ କହି ଅଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ବ୍ୟତୀତ ଅନ୍ୟ ନ୍ୟାୟଳୟଙ୍କ ଦ୍ୱାରା ଏହି ଧାରା ଅଧୀନରେ ପ୍ରତ୍ୟେକ ଆଦେଶକୁ ଲିଖିତଭାବରେ ଦିଆଯିବ । ଯେତେବେଳେ ଜଣେ ବିଚାର କରୁଥିବା ମାଜିଷ୍ଟ୍ରେଟ ଲିଖିତ ଆଦେଶ ଦ୍ୱାରା ଏକ ମାମଲା ମୁଲତବୀ ରଖିଥିଲେ କିନ୍ତୁ ରେକର୍ଡରେ ଏହାକୁ ଲିଖିତ ଭାବରେ ଦର୍ଶାଇବାକୁ କିଛି ପ୍ରମାଣ ନଥିଲା ଯେ ସେ ଅଭିଯୁକ୍ତକୁ ହେପାଜତକୁ ପଠାଇବା ପାଇଁ ଏକ ଆଦେଶ ଦେଇଛନ୍ତି: ମୁଲତବୀ ଆଦେଶ ପରେ ଅଭିଯୁକ୍ତକୁ ଅଟକ ରଖିବା ବେଆଇନ ବୋଲି ଦର୍ଶାଯାଇଥିଲା ।

ଯେଉଁମାନେ ଏହା ଅନୁଭବ କରନ୍ତି ଯେ ସେମାନେ ଯାହାକୁ ତାଙ୍କର କର୍ତ୍ତବ୍ୟ ବୋଲି ବିବେଚନା କରି ନିର୍ବାହ କରିବାକୁ ଯାଇ ଅନ୍ୟ ବ୍ୟକ୍ତିମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରନ୍ତି, ସେମାନେ ଆଇନର ସଠିକ କାର୍ଯ୍ୟ ପ୍ରଣାଳୀ ଏବଂ ନିୟମଗୁଡ଼ିକୁ କଡାକଡି ଏବଂ ଯତ୍ନଶୀଳ ଭାବେ ପାଳନ କରିବା ଆବଶ୍ୟକ ।

ମୂଳ ନ୍ୟାୟିକ ବିଚାର: 1953ର ଆବେଦନ ସଂଖ୍ୟା 54 ।

ସମ୍ବିଧାନର ଧାରା 32 ଅନୁଯାୟୀ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ପାଇଁ ଆବେଦନ ।

ଜୟ ଗୋପାଳ ସେଠୀ ଏବଂ ବେଦ ବ୍ୟାସ (ଏସ୍. କେ. କପୁର, ଏ. କେ. ଦତ୍ତ, ଏ. ଏନ୍. ଚୋନା, ଆର୍. ପଟ୍ଟନାଏକ୍ ଏବଂ ଏ. ଏନ୍. ସିହ୍ନା, ସେମାନଙ୍କ ସହିତ) ଆବେଦନକାରୀମାନଙ୍କ ପାଇଁ ।

ସି. କେ. ଡାଫ୍ଟାରୀ, ସଲିସିଟର-ଜେନେରାଲ୍, ଭାରତ (ପୋରସ୍ ଏ. ମେହେଟ୍ଟା, ତାଙ୍କ ସହିତ) ଉତ୍ତରଦାତାମାନଙ୍କ ପାଇଁ ।

1953. ମାର୍ଚ୍ଚ 12 । ମୁଖ୍ୟ ବିଚାରପତିଙ୍କ ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା ।

ମୁଖ୍ୟ ବିଚାରପତି ପତଞ୍ଜଳି ଶାସ୍ତ୍ରୀ - ଏହି ମାମଲାର ପ୍ରକୃତ ଆବେଦନକାରୀ ଡକ୍ଟର ଏସ. ପି. ମୁଖାର୍ଜୀ, ଶ୍ରୀ ଏନ. ସି. ଚାଟାର୍ଜୀ, ପଣ୍ଡିତ ନନ୍ଦଲାଲ ଶର୍ମା ଏବଂ ପଣ୍ଡିତ ଗୁରୁ ଦତ୍ତ ବୈଦ ନାମକ ଚାରି ଜଣ ଭଦ୍ରଲୋକଙ୍କ ତରଫରୁ ରାମ ନାରାୟଣ ସିଂହଙ୍କ ଦ୍ୱାରା ଦାଖଲ ହୋଇଥିବା ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପାଇଁ ଏହା ଏକ ଆବେଦନ । ଏହି ବ୍ୟକ୍ତିମାନଙ୍କୁ 1953 ମସିହା, ମାର୍ଚ୍ଚ 6 ତାରିଖ ସନ୍ଧ୍ୟାରେ ଗିରଫ କରାଯାଇଥିଲା, ଏବଂ ସମ୍ପୃକ୍ତ ଅଞ୍ଚଳରେ ସଭା ଏବଂ ଶୋଭାଯାତ୍ରାକୁ ନିଷିଦ୍ଧ କରୁଥିବା ଏକ ଆଦେଶ ଅବମାନନା କରିଥିବା ଅଭିଯୋଗରେ ବର୍ତ୍ତମାନ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହା ଭାରତୀୟ ଦଣ୍ଡ ସଂହିତାର ଧାରା 188 ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ଅଟେ ।

ଦୁଇଟି ପ୍ରତିପ୍ରେରଣ ଆଦେଶ ଆଧାରରେ ସେମାନଙ୍କ ଅଟକକୁ ନ୍ୟାୟସଙ୍ଗତ କରିବାକୁ ଦାବି କରାଯାଇଛି, ପ୍ରଥମଟି 1953 ମସିହା ମାର୍ଚ୍ଚ 6 ତାରିଖ ରାତି ପ୍ରାୟ 8ଟାରେ ଦିଲ୍ଲୀର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଧିଲନଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶରେ ଆରୋପ ହୋଇଛି ଏବଂ ଅନ୍ୟଟି ମାର୍ଚ୍ଚ 9 ତାରିଖ ଅପରାହ୍ନ ପ୍ରାୟ 3ଟାରେ ବିଚାର କରୁଥିବା ମାଜିଷ୍ଟ୍ରେଟଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶରେ ଆରୋପ ହୋଇଛି ଯେତେବେଳେ ସେ ଏହି ମାମଲାକୁ ମୁଲତବୀ ରଖିବା ପାଇଁ ତାଙ୍କ ସମ୍ମୁଖରେ ଦାଖଲ ହୋଇଥିବା ଆବେଦନର ଶୁଣାଣି କରୁଥିଲେ ଯେଉଁଥିରେ କୁହା ଯାଇଥିଲାକି ଏହି ନ୍ୟାୟାଳୟରେ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନ ଆଗତ କରାଯାଇଛି ।

ଆବେଦନକାରୀଙ୍କ ତରଫରୁ ଶ୍ରୀ ସେଠୀଙ୍କ ଦ୍ୱାରା ଆଇନ ଏବଂ ତଥ୍ୟର ବିଭିନ୍ନ ପ୍ରଶ୍ନ ଆମ ସମ୍ମୁଖରେ ଯୁକ୍ତି କରାଯାଇଛି, କିନ୍ତୁ ଆମେ ସେହି ପ୍ରଶ୍ନଗୁଡ଼ିକର ଆଲୋଚନା କରିବା ଅନାବଶ୍ୟକ

ବୋଲି ବିବେଚନା କରୁ, କାରଣ ବର୍ତ୍ତମାନ ଏହା ସ୍ୱୀକାର କରାଯାଇଛି ଯେ ମାର୍ଚ୍ଚ 6 ତାରିଖର ପ୍ରଥମ ପ୍ରତିପ୍ରେରଣ ଆଦେଶ, ଯାହାକୁ ବୈଧ  ବିବେଚନା କଲେ ମଧ୍ୟ, ମାର୍ଚ୍ଚ 9 ତାରିଖରେ ଅତିକ୍ରାନ୍ତ ହୋଇଯାଇଥିଲା ଏବଂ ଏହା ଆଉ ବଳବତ୍ତର ନାହିଁ । ଯେଉଁ ପ୍ରତିପ୍ରେରଣ ଆଦେଶ ବିଚାରାଧୀନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମାର୍ଚ୍ଚ 9 ତାରିଖରେ ଦିଆଯାଇଥିବାର ଆରୋପ ହୋଇଥିଲା, ତାହା ସମ୍ପର୍କରେ ସ୍ଥିତି ନିମ୍ନରେ ଦିଆଗଲା:- ବିଚାର କରୁଥିବା ମାଜିଷ୍ଟ୍ରେଟ୍ ସ୍ପଷ୍ଟତଃ ସେହି ପର୍ଯ୍ୟାୟରେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 344 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ, ଯାହା ତାଙ୍କୁ ଆବଶ୍ୟକ କରେକି, ଯଦି ସେ ତାଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମାମଲାକୁ ମୁଲତବୀ ରଖିବାକୁ ସ୍ଥିର କରନ୍ତି, "ଅଭିଯୁକ୍ତକୁ ପରୱାନା ଦ୍ୱାରା ହାଜତକୁ ପ୍ରତିପ୍ରେରଣ କରିବାକୁ ହେବ ଯଦି ସେ ହେପାଜତରେ ଥିବ", ଏବଂ ଏହା ପୁଣି କହି ଅଛି ଯେ: ଉଚ୍ଚ ନ୍ୟାୟାଳୟ ବ୍ୟତୀତ ଅନ୍ୟ କୌଣସି ନ୍ୟାୟାଳୟଙ୍କ ଦ୍ୱାରା ଏହି ଧାରା ଅଧୀନରେ ପ୍ରତ୍ୟେକ ଆଦେଶ ଲିଖିତ ଭାବେ ଦିଆଯିବ ଯାହାକି ପୀଠାସୀନ ବିଚାରପତି କିମ୍ବା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ । ମାର୍ଚ୍ଚ 10 ତାରିଖରେ ଏହି ନ୍ୟାୟାଳୟଙ୍କ ଏକ ଆଦେଶକୁ ଅନୁପାଳନ କରି ଏହି ଧାରା ଅଧୀନରେ ଉକ୍ତ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଆମ୍ଭ ସମ୍ମୁଖରେ ଉପସ୍ଥାପିତ କରାଗଲା, ଯାହାକୁ ଆବେଦନକାରୀ ଓକିଲଙ୍କ ଦ୍ୱାରା ଯାଞ୍ଚ ନିମନ୍ତେ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ବିଚାର କରୁଥିବା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଥିବା ରେକର୍ଡଗୁଡିକୁ ତଥା ପ୍ରତିପ୍ରେରଣ କାଗଜପତ୍ରକୁ ଯଥାଶୀଘ୍ର ସମ୍ଭବ ଏହି କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦିଆଗଲା । ଉପସ୍ଥାପିତ ଆଦେଶ କେବଳ ମାର୍ଚ୍ଚ 11 ତାରିଖ ପର୍ଯ୍ୟନ୍ତ ମାମଲାର ମୁଲତବୀ ନିର୍ଦ୍ଦେଶ ଦେଇଛି ଏବଂ ସେହି ତାରିଖ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ହେପାଜତକୁ ପ୍ରତିପ୍ରେରଣ ପାଇଁ କୌଣସି ନିର୍ଦ୍ଦେଶ ଦେଇନାହିଁ । ଗତକାଲି ସନ୍ଧ୍ୟା 5ଟା 20 ମିନିଟରେ ଏହି ନ୍ୟାୟାଳୟଙ୍କ ରେଜିଷ୍ଟ୍ରାରଙ୍କୁ ଚାରିଖଣ୍ଡ କାଗଜ ପତ୍ର ହସ୍ତାନ୍ତର କରାଯାଇଥିଲା । ଗୋଟିଏ ପଟେ ସେଗୁଡ଼ିକ ମାର୍ଚ୍ଚ 6 ତାରିଖର ଅଟକାଦେଶର ପରୱାନା ବୋଲି ଦର୍ଶାଯାଇଥିଲା ଏବଂ ଦିଲ୍ଲୀର ଜେଲ୍ ଅଧୀକ୍ଷକଙ୍କୁ ସମ୍ବୋଧିତ କରାଯାଇଥିଲା, ଯେଉଁଥିରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହେପାଜତରେ ରଖିବା ଏବଂ 1953 ମସିହା ମାର୍ଚ୍ଚ 9 ତାରିଖରେ କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ପରୱାନାଗୁଡ଼ିକର ପଛରେ ନିମ୍ନଲିଖିତ ପୃଷ୍ଠାଙ୍କନଗୁଡ଼ିକ ରହିଛି:  “1953 ମସିହା ମାର୍ଚ୍ଚ 11 ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହେପାଜତରେ ରଖାଗଲା” ।

ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ସମ୍ବନ୍ଧୀୟ ଏକ ପ୍ରଶ୍ନରେ, ଯେତେବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ହେପାଜତରେ ଆଇନଗତତା କିମ୍ବା ଅନ୍ୟ କୌଣସି ବିଷୟ ଉପରେ ପ୍ରଶ୍ନ ଉଠୁଛି, ଏହା ସ୍ପଷ୍ଟ ଯେ

ଏହି ଦସ୍ତାବିଜଗୁଡ଼ିକ, ଯଦି ସଠିକ ହୋଇଥାଆନ୍ତା ତେବେ ଗୁରୁତ୍ୱପୂର୍ଣ୍ଣ ହୋଇଥାଆନ୍ତା, କିନ୍ତୁ ଆମ୍ଭର ମାର୍ଚ୍ଚ 10 ତାରିଖର ଆଦେଶରେ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସେଗୁଡ଼ିକୁ ଉପସ୍ଥାପନ କରାଯାଇ ନଥିଲା । ଆମ୍ଭ ସମ୍ମୁଖରେ ଉପସ୍ଥାପିତ ହୋଇଥିବା ଅଦାଲତର ରେକର୍ଡରେ ମାର୍ଚ୍ଚ 9 ତାରିଖରେ ଦିଆଯାଇଥିବା ଆଦେଶରେ କୌଣସି ପ୍ରତିପ୍ରେରଣ ଆଦେଶ ନାହିଁ । ଯେପରି ଆମ୍ଭେ ପୂର୍ବରୁ ଲକ୍ଷ୍ୟ କରିଛୁ, ଆମ ପାଖରେ ବିଚାର କରୁଥିବା ମାଜିଷ୍ଟ୍ରେଟଙ୍କ ଆଦେଶ ଅଛି ଯାହା କେବଳ ମାମଲାକୁ 11 ତାରିଖକୁ ମୁଲତବୀ ରଖିଛି । ସରକାରଙ୍କ ତରଫରୁ ହାଜର ହୋଇଥିବା ସଲିସିଟର ଜେନେରାଲ ବ୍ୟାଖ୍ୟା କରିଛନ୍ତି ଯେ ଏହି କାଗଜ ଖଣ୍ଡଗୁଡିକ, ଯାହା ମାମଲା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତା, ତାହା ଗତକାଲି ନ୍ୟାୟାଳୟରେ ଉପସ୍ଥିତ ଥିବା ଜଣେ ପୋଲିସ ଅଧିକାରୀଙ୍କ ପାଖରେ ଥିଲା, କିନ୍ତୁ ସନ୍ଧ୍ୟାରେ କୋର୍ଟ ଉଠିବା ପରେ ସେ ଭାବିଲେ ଯେ ସେମାନଙ୍କର ଉପସ୍ଥାପନା କିଛି ଗୁରୁତ୍ୱପୂର୍ଣ୍ଣ ହୋଇପାରେ ଏବଂ ତେଣୁ ସେଗୁଡିକୁ 5:20 P.M. ରେ ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ଦାଖଲ କରାଯାଇଥିଲା । ଏଭଳି ପରିସ୍ଥିତିରେ ଉପସ୍ଥାପିତ ଦସ୍ତାବିଜଗୁଡିକୁ ଆମ୍ଭେ ଧ୍ୟାନ ଦେଇପାରିବୁ ନାହିଁ, ଏବଂ ଆମ୍ଭେ ସନ୍ତୁଷ୍ଟ ନାହୁଁ ଯେ ଅଭିଯୁକ୍ତମାନଙ୍କୁ ମାର୍ଚ୍ଚ 11 ତାରିଖ ପର୍ଯ୍ୟନ୍ତ ପୁନର୍ବାର ହେପାଜତକୁ ନେବା ପାଇଁ କୌଣସି ପ୍ରତିପ୍ରେରଣ ଆଦେଶ ଦିଆଯାଇଥିଲା । ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହା କୁହାଯାଇଛି ଯେ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକ୍ରିୟାରେ, ନ୍ୟାୟାଳୟ ପ୍ରତ୍ୟାବର୍ତ୍ତନ ସମୟରେ ଅଟକ ରଖିବାର ବୈଧତା କିମ୍ବା ଅନ୍ୟଥାକୁ ଧ୍ୟାନରେ ରଖିବା ଉଚିତ ଏବଂ କାର୍ଯ୍ୟାନୁଷ୍ଠାନର ଆରମ୍ଭ ବିଷୟରେ ନୁହେଁ । ଏହି ମାମଲାର ତଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ତାରିଖ ହେଉଛି ମାର୍ଚ୍ଚ 10 ତାରିଖ, ଯେତେବେଳେ ସରକାରଙ୍କ ତରଫରୁ ଏହି ଅଟକକୁ ବିଧି ସମ୍ମତ ବୋଲି ଦର୍ଶାଇ ଶପଥ ପତ୍ର ଦାଖଲ କରାଯାଇଥିଲା । କିନ୍ତୁ ଯେପରି ଆମ୍ଭେ କହିଛୁ, ସ୍ଥିତି ହେଉଛି ଏହା କି ସେହି ତାରିଖରେ ଚାରି ଜଣଙ୍କୁ ହେପାଜତକୁ ପଠାଇବା ପାଇଁ କୌଣସି ଆଦେଶ ନଥିଲା । ଏହି ନ୍ୟାୟଳୟ ବାରମ୍ବାର ଦୋହରାଇଛନ୍ତି ଯେ ଯେଉଁମାନେ ଏହା ଅନୁଭବ କରନ୍ତି ଯେ ସେମାନେ ଯାହାକୁ ତାଙ୍କର କର୍ତ୍ତବ୍ୟ ବୋଲି ବିବେଚନା କରି ନିର୍ବାହ କରିବାକୁ ଯାଇ ଅନ୍ୟ ବ୍ୟକ୍ତିମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରନ୍ତି, ସେମାନେ ଆଇନର ସଠିକ କାର୍ଯ୍ୟ ପ୍ରଣାଳୀ ଏବଂ ନିୟମଗୁଡ଼ିକୁ କଡାକଡି ଏବଂ ଯତ୍ନଶୀଳ ଭାବେ ପାଳନ କରିବା ଆବଶ୍ୟକ । ଏହି ମାମଲାରେ ତାହା କରାଯାଇ ନାହିଁ । ତେଣୁ ବର୍ତ୍ତମାନ ଆମ ସମ୍ମୁଖରେ ଥିବା ଆବେଦନକାରୀମାନେ ମୁକ୍ତ ହେବାର ଅଧିକାରୀ ଅଟନ୍ତି, ଏବଂ ସେମାନଙ୍କୁ ଅବିଳମ୍ବେ ମୁକ୍ତ କରାଗଲା ।

ଆବେଦନକୁ ଅନୁମତି ଦିଆଗଲା ।

*1953*

*ରାମ ନାରାୟଣ ସିଂହ*
*ବନାମ*
*ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ*

*ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ବିଚାରପତି*

ଆବେଦନକାରୀଙ୍କ ପ୍ରତିନିଧି: ଗଣପତ ରାୟ୍।

ଉତ୍ତରଦାତାମାନଙ୍କ ପାଇଁ ପ୍ରତିନିଧି: ଜି. ଏଚ. ରାଜାଧ୍ୟକ୍ଷ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।